## ସଂକ୍ଷେପରେ

### ବିଦ୍ୟୁତ୍ ଚୋରି ଧରିବାରୁ କର୍ମଚାରୀଙ୍କୁ ମାଡ଼

**ହୋଟେଲ ମାଲିକଙ୍କ ସହ ସହଯୋଗୀ ଗିରଫ**

**ଅନୁଗୋଳ ଅଫିସ, ୧୬ା୧:** ଅନୁଗୋଳ ସହରର ଏକ ହୋଟେଲକୁ ଚୋରାରେ ବିଜୁଳି ସଂଯୋଗ ନିଆଯାଇଥିଲା। ଦୀର୍ଘ ୩ବର୍ଷ ଧରି ହୋଟେଲ ମାଲିକ ଏପରି ବିଦ୍ୟୁତ୍ ଚୋରି କରି ଲାଭ ଉଠାଉଥିଲେ। ଏହା ଜଣାପଡ଼ିବା ପରେ ଶୁକ୍ରବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ବିଦ୍ୟୁତ୍ କର୍ମଚାରୀ ତପନ କୁମାର ପଣ୍ଡା ଓ ଅନ୍ୟ ଜଣେ ବିଜୁଳି ବିଚ୍ଛିନ୍ନ କରିବାକୁ ଯାଇଥିଲେ। ହେଲେ ହୋଟେଲ ମାଲିକ ଓ ତାଙ୍କ ସହଯୋଗୀ ତପନ କୁମାରଙ୍କୁ ନିସ୍ତୁକ ମାଡ଼ ମାରିଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରିବା ସହ ହୋଟେଲ ମାଲିକ ନରୋତ୍ତମ ମହାନ୍ତି (୫୦) ଓ ସହଯୋଗୀ ଆଶିଷ କୁମାର ଦାଶ(୪୫)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୋଗରୁ ପ୍ରକାଶ, ଅମଲାପଡ଼ାର ସପ୍ତମ ଲେନ୍‌ରେ ନରୋତ୍ତମଙ୍କ ହୋଟେଲ ରହିଛି। ଦୀର୍ଘବର୍ଷ ହେଲା ନରୋତ୍ତମ ହୋଟେଲରେ ଚୋରାରେ ସଂଯୋଗ କରି ମନଇଚ୍ଛା ବିଦ୍ୟୁତ୍ ଖର୍ଚ୍ଚ କରୁଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ଶୁକ୍ରବାର ଟାଟା ପାୱର ଏସ୍‌ଡିଓଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀ ତପନ କୁମାର ସହକର୍ମୀଙ୍କୁ ଧରି ବିଦ୍ୟୁତ୍ କାଟିବାକୁ ଯାଇଥିଲେ। ସେମାନେ ଖୁଣ୍ଟକୁ ଚଢ଼ି ତାର କାଟୁଥିବା ବେଳେ ହୋଟେଲ ମାଲିକ ଗାଳିଗୁଲଜ କରିବା ସହ ସହଯୋଗୀ ଆଶିଷଙ୍କ ସହ ମିଶି ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ତପନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ। ଘଟଣାର ଅଧିକ ତଦନ୍ତ ଜାରିଥିବା ଅନୁଗୋଳ ଥାନା ପକ୍ଷରୁ କୁହାଯାଇଛି।

### ମହିଳାଙ୍କଠାରୁ ଝାମ୍ପିନେଲେ ୩୮ ହଜାର

**ଆନନ୍ଦପୁର,୧୬ା୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ବ୍ରିଜଛକ ଠାରେ ଦୁଇ ଜଣ ଲୁଟେରା ଏକ ବାଇକ୍‌ରେ ଆସି ଜଣେ ମହିଳାଙ୍କଠାରୁ ୩୮ ହଜାର ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇଛନ୍ତି। ଆନନ୍ଦପୁର ଥାନା ଅନ୍ତର୍ଗତ ପଇତାପାଣି ଗ୍ରାମର ଅନନ୍ତ ଉଡାଣଙ୍କ ସ୍ତ୍ରୀ ମମତା ଉଡାଣ ଆନନ୍ଦପୁର ବ୍ୟାଙ୍କ ଇଣ୍ଡିଆରୁ ୩୮ ହଜାର ଟଙ୍କା ଉଠାଇ ସ୍ଥାନୀୟ ଏକ ଦୋକାନରେ ଚା ପିଇବା ସମୟରେ ଉକ୍ତ ପଲସର ଗାଡିରେ ଦୁଇ ଜଣ ଲୁଟାରେ ଆସି ଟଙ୍କା ବ୍ୟାଗ ଝାମ୍ପି ନେଇ ଫେରାର ହୋଇଥିଲେ। ସୂଚନା ପାଇ ଥାନା ଅଧିକାରୀ ବିରଞ୍ଚି ବାଗ ବାଇକ୍ ଯୋଗେ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଏ ନେଇ ଏକ ମାମଲା (ନଂ.୧୪/୨୧) ରୁଜୁ ହୋଇଛି ପୋଲିସ ଘଟଣାର ତଦନ୍ତ ଜାରିରଖିଛି।

### ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଚୋରି

**ପାଟଣା,୧୬ା୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ମୁଖ୍ୟାଳୟସ୍ଥିତ ପାଟଣା ମୁଖ୍ୟ ବଜାରର ଅଜୟ କୁମାର ପରିଡାଙ୍କ ପ୍ରମିଳା ଜୁଏଲାରୀ ଦୋକାନରୁ ଶୁକ୍ରବାର ରାତିରେ ବଡ଼ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଆଜବେଷ୍ଟସ୍ ତାଡ଼ି ସୁନା ଓ ରୁପା ଗହଣା ସହ ନଗଦ ୪୫ ହଜାର ଟଙ୍କା ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଶିବଶଙ୍କର ଆଲଦା କହିଛନ୍ତି, ଚୋରି ହୋଇଥିବା ଅଳଙ୍କାରର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଚୋରିର ଫୁଟେଜ୍ ସିସିଟିଭିରେ କଏଦ ହୋଇଛି। ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ଓ କେନ୍ଦୁଝରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୦/୨୧) ରୁଜୁ ହୋଇଛି।

### ଟ୍ରାକ୍ଟର ଓଲଟି ଡ୍ରାଇଭର ଗୁରୁତର

**ବାଲିଆପାଳ,୧୬ା୧(ସ୍ୱ.ପ୍ର.):** ବାଲିଆପାଳ ଥାନା ଅଧୀନ ସିମୁଳିଆ ସବରେଜେଷ୍ଟ୍ରି ଅଫିସ ରାସ୍ତାପାର୍ଶ୍ୱ ନୟନଯୋରିକୁ ଶନିବାର ଏକ ବାଲି ବୋଝେଇ ଟ୍ରାକ୍ଟର ଓଲଟି ପଡିବାରୁ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଦୁଇଟି ଜେସିବି ମେସିନ୍, ଦମକଳ ବାହିନୀ ଏବଂ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମରେ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ବାଲିଆପାଳ ପଞ୍ଚାୟତ ଆଠବଟିଆ ଗ୍ରାମର ସାହେବ ପାତ୍ର ଏକ ଟ୍ରାକ୍ଟରରେ ବାଲି ନେଇ ସିମୁଳିଆ ବଜାର ନିକଟସ୍ଥ ସବ୍‌ରେଜେଷ୍ଟ୍ରି ଅଫିସ୍ ରାସ୍ତାରେ ସିମୁଳିଆ ଗ୍ରାମକୁ ଯାଉଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ପ୍ରଥମ ଦିନରେ ୨୨୩ ଜଣଙ୍କୁ ଟିକା

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର/ ହିନ୍ଦୋଳ(ଡି.ଏନ.ଏ.), ୧୬ା୧**

- ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ପାର୍ଶ୍ୱ ପ୍ରତିକ୍ରିୟା
- ଚିକିତ୍ସା ପରେ ସୁସ୍ଥ ଥିବା କହିଲେ ସିଡିଏମ୍‌ଓ


ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଟିକାକରଣ କାର୍ଯ୍ୟକ୍ରମ।

ଢେଙ୍କାନାଳ ଜିଲାରେ ଶନିବାରଠାରୁ ଆରମ୍ଭ ହୋଇଛି କୋଭିଡ୍-୧୯ ଟିକାକରଣ। ଜିଲା ମୁଖ୍ୟ ଚିକିତ୍ସାଳୟ, ସହରାଞ୍ଚଳ କାଠଗଡ଼ା ସ୍ୱାସ୍ଥ୍ୟକେନ୍ଦ୍ର, କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ସ୍ୱାସ୍ଥ୍ୟକେନ୍ଦ୍ର, ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଟିକାକରଣ କେନ୍ଦ୍ର ହୋଇଥିବାବେଳେ ପ୍ରଥମ ଦିନରେ ମୋଟ ୨୨୩ ଜଣଙ୍କୁ ଭାକ୍ସିନ ଦିଆଯାଇଛି। ପ୍ରତିଷେଧକ ନେଇଥିବା ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲା। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ସେ ସୁସ୍ଥ ହୋଇଛନ୍ତି। ତାଙ୍କୁ ଘରକୁ ପଠାଇ ଦିଆଯାଇଥିବା ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ସୂଚନା ଦେଇଛନ୍ତି।

ବିଶ୍ୱର ଏହି ବୃହତ୍ ଟିକାକରଣ କାର୍ଯ୍ୟକ୍ରମକୁ ଜାତୀୟସ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଆନୁଷ୍ଠାନିକ ଭାବେ ଟିକାକରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିଡିଏମ୍‌ଓ ଡା. ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀଙ୍କ ସମେତ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସଫେଇ କର୍ମଚାରୀ ସୂର୍ଯ୍ୟମଣି ନାୟକଙ୍କୁ ପ୍ରଥମେ ଟିକା ପ୍ରଦାନ କରାଯାଇଥିଲା। ଏହାପରେ ବରିଷ୍ଠ ଚିକିତ୍ସକ ଡା. ରାଜକିଶୋର ସେଠୀ, ଡା. ପ୍ରଦ୍ୟୋତ ବେହେରା, ଷ୍ଟାଫ୍‌ନର୍ସ ବାସନ୍ତୀ ଦେବୀ, ସଫେଇ କର୍ମଚାରୀ ରୀନା ନାଏକଙ୍କ ସମେତ ମୋଟ ୬୯ଜଣ ଟିକା ନେଇଥିଲେ।

କାମାକ୍ଷାନଗର ଅଁଳାବେରେଣୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପଖଣ୍ଡ ଚିକିତ୍ସାଧିକାରୀ ରତ୍ନାକର ସାମଲ ପ୍ରମୁଖଙ୍କ ଉପସ୍ଥିତିରେ ଟିକାକରଣ ହୋଇଥିଲା। ସ୍ୱାସ୍ଥ୍ୟ କର୍ମଚାରୀ ଲକ୍ଷ୍ମୀନାରାୟଣ ଦାସ ପ୍ରଥମେ ଟିକା ନେଇଥିଲେ। କେନ୍ଦ୍ରରେ ମୋଟ ୩୦ଜଣ ଟିକା ନେଇଛନ୍ତି। ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଉପଜିଲାପାଳ ଉଦୟ ମହାପାତ୍ର, ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ରଙ୍କ ଉପସ୍ଥିତିରେ ଟିକାକରଣ ଶୁଭାରମ୍ଭ ହୋଇଥିଲା। ଚିକିତ୍ସାଳୟର ହେଲ୍ପ ଡେସ୍କ କର୍ମଚାରୀ ଅଭିରାମ ନାଏକଙ୍କୁ ପ୍ରଥମ ଟିକା ଦିଆଯାଇଥିଲା। ପ୍ରଥମ ଦିନରେ ୬୬ଜଣ ଟିକା ନେଇଛନ୍ତି।

ସେହିପରି କାଠଗଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଟିକାକରଣ କାର୍ଯ୍ୟକ୍ରମରେ ୫୮ଜଣ ଟିକା ନେଇଥିଲେ। ଟିକା ନେଇଥିବା ବ୍ୟକ୍ତିଙ୍କୁ ଅବଜର୍ଭେସନରେ ରଖାଯାଇଥିଲା। ପରିସ୍ଥିତି ଅନୁଧ୍ୟାନ ପରେ ସେମାନଙ୍କୁ ଛଡ଼ାଯାଇଥିଲା। ପ୍ରଥମ ଦିନରେ ଗୋଟିଏ ଘଟଣାକୁ ଛାଡ଼ିଦେଲେ ଅନ୍ୟ କାହାରି ନିକଟରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନ ଥିବା ସିଡିଏମ୍‌ଓ ସୂଚନା ଦେଇଛନ୍ତି।

# ଶିଶୁ ଡାକ୍ତରଙ୍କୁ ପ୍ରଥମ ଟିକା


ଜିଲାପାଳଙ୍କ ଉପସ୍ଥିତିରେ ଶିଶୁଡାକ୍ତର ନନ୍ଦକିଶୋର ସାହୁଙ୍କୁ ଟିକା ଦିଆଯାଉଛି।

**ଅନୁଗୋଳ ଅଫିସ/ ବନ୍ତଳା, ୧୬ା୧**

ଅନୁଗୋଳ ଜିଲାରେ ଶନିବାରଠାରୁ କୋଭିଡ୍ ଟିକାକରଣର ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ଜିଲାର ୨ଟି ଟିକାକରଣ କେନ୍ଦ୍ରରେ ୨୦୪ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଟିକାକରଣ କେନ୍ଦ୍ରକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଭୟ କୁମାର ଦାଶଙ୍କ ଉପସ୍ଥିତିରେ ମେଡିକାଲର ସଫେଇ କର୍ମଚାରୀ ନହିଆ ବେହେରା ଉଦ୍‌ଘାଟନ କରିଥିଲେ। ଟିକା ନେଇଥିବା କୌଣସି ସ୍ୱାସ୍ଥ୍ୟକର୍ମୀଙ୍କଠାରେ କିଛି ପର୍ଶ୍ୱପ୍ରତିକ୍ରିୟା ଦେଖାଯାଇ ନ ଥିବା ମେଡିକାଲ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି। ସୋମବାରଠାରୁ ଜିଲାର ଅନ୍ୟ ୩୦ କେନ୍ଦ୍ରରେ ଟିକା ପ୍ରଦାନ କରାଯିବ ବୋଲି ଜିଲାପାଳ ସ୍ୱାଇଁ ସୂଚନା ଦେଇଛନ୍ତି।

ପୂର୍ବାହ୍ନ ସାଢ଼େ ୧୦ଟାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକାକରଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ଅନୁଗୋଳ ମେଡିକାଲରେ କାର୍ଯ୍ୟରତ ଶିଶୁଡାକ୍ତର ନନ୍ଦକିଶୋର ସାହୁ ପ୍ରଥମେ ଟିକା ନେବା ପରେ ଅନ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ୫ ଜଣ ଡାକ୍ତରଙ୍କ ସହ ୧୯ ଷ୍ଟାଫନର୍ସ, ୨ ଫାର୍ମାସିଷ୍ଟ, ଜଣେ ଲ୍ୟାବ୍ ଟେକ୍ନିସିଆନ୍, ୫୧ ସଫେଇ କର୍ମଚାରୀ, ୧୫ ସୁରକ୍ଷାକର୍ମୀ, ୪ ଆଶାକର୍ମୀ ଓ ଘରୋଇ ଚିକିତ୍ସାଳୟର ୭ ଜଣଙ୍କୁ ପ୍ରଥମ ଦିନରେ ଟିକା ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୧୦୪ ଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଟିକା ଦିଆଯାଇଛି।

ସେହିପରି ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଘନଶ୍ୟାମ ବେହେରାଙ୍କ ତତ୍ତ୍ୱାବଧାନରେ ୧୦୦ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ପରିଦର୍ଶକ ଭାବେ ସ୍ୱାସ୍ଥ୍ୟ ଉପନିର୍ଦ୍ଦେଶକ ଡା. ପ୍ରତିଭା ପ୍ରଧାନ, ପ୍ରସୂତି ସ୍ୱାସ୍ଥ୍ୟ ପରାମର୍ଶଦାତା ଡା. ସୌମଶ୍ରୀ ମହାପାତ୍ର, ଏଡିଏମ୍‌ଓ (ମେଡିକାଲ) ଡାକ୍ତର ବିଶ୍ୱବିହାରୀ ମହାନ୍ତି, ମେଡିକାଲ ସ୍ପେଶାଲିଷ୍ଟ ଦିଗାମ୍ବର ସାହୁ, ଡିପିଏମ୍ ବିଶ୍ୱରଞ୍ଜନ ରଥ, ସପନ କୁମାର ପାତ୍ର, ମେଡିକାଲ ମ୍ୟାନେଜର ଦେବାଶିଷ ଦାଶ ପ୍ରମୁଖ ଉପସ୍ଥିତ ରହି ପର୍ଯ୍ୟବେକ୍ଷଣ କରିଥିଲେ।

# ରୁଙ୍ଗ୍‌ଟା କ୍ଷତିଗ୍ରସ୍ତଙ୍କ ଧାରଣା ଜାରି


ଧାରଣାରତ ଗ୍ରାମବାସୀ।

**ହିନ୍ଦୋଳ,୧୬ା୧(ଡି.ଏନ.ଏ.)**

- ୧୩ଦିନ ହେଲାଣି ଫିଟୁନି ସମାଧାନର ବାଟ
- ଆନ୍ଦୋଳନ ଜୋର୍‌ଦାର କରିବାକୁ ସଜବାଜ
- ଜନପ୍ରତିନିଧିଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗ୍ରାମବାସୀ

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କନ୍ତିମିଲି ପଞ୍ଚାୟତ ତର୍କାବେଢ଼ା ଗ୍ରାମରେ ରୁଙ୍ଗ୍‌ଟା କମ୍ପାନୀ ପକ୍ଷରୁ ରାସ୍ତା ପାଇଁ ଜମି ଚିହ୍ନଟ ଏବଂ ନିର୍ମାଣକୁ ନେଇ ଆରମ୍ଭ ହୋଇଥିବା ବିବାଦ ସମାଧାନର ବାଟ ଫିଟୁନି। ଏହାର ପ୍ରତିବାଦରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଶନିବାର ୧୩ ଦିନରେ ପହଞ୍ଚିଛି। ପ୍ରଶାସନ ଏବଂ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିଥିବାରୁ ଏହାକୁ ନେଇ ବିବାଦ ବଢ଼ିବାରେ ଲାଗିଛି।

ବାଲିମୀ ଥାନା ଅନ୍ତର୍ଗତ ଝାଡ଼ବନ୍ଧ ଗ୍ରାମ ନିକଟରେ ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍ କମ୍ପାନୀ ପକ୍ଷରୁ ଗତ ୨୦୦୬ରୁ ଜମି ଅଧିଗ୍ରହଣ ହୋଇସାରିଛି। ହେଲେ କମ୍ପାନୀ ସ୍ଥାପନ ହୋଇପାରିନାହିଁ। ପ୍ରସ୍ତାବିତ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମରେ କାରଖାନା କର୍ତ୍ତୃପକ୍ଷ ବିକାଶମୂଳକ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ତର୍କାବେଢ଼ା ଗ୍ରାମ ନିକଟରେ ଏକ ରାସ୍ତା ନିର୍ମାଣ କରିବାକୁ ହିନ୍ଦୋଳ ତହସିଲ ପ୍ରଶାସନ ପକ୍ଷରୁ ୧୩ ଦିନ ପୂର୍ବେ ଜମି ଚିହ୍ନଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାକୁ ଗ୍ରାମବାସୀ ତୀବ୍ର ବିରୋଧ କରିବା ସହ ଧାରଣା ଦେଇଥିଲେ। ଏହାର ସମାଧାନ ଲାଗି ୪ ଏବଂ ୬ ତାରିଖରେ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ପ୍ରଶାସନ ଏବଂ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିବାରୁ ସମାଧାନର ରାସ୍ତା ବାହାରି ପାରି ନ ଥିଲା। ଗ୍ରାମର ପୁରୁଣା ରାସ୍ତା ପୁନରୁଦ୍ଧାର କରିବା ବଦଳରେ କମ୍ପାନୀ ପକ୍ଷରୁ ଜଙ୍ଗଲ ଦେଇ ନୂତନ ରାସ୍ତା ନିର୍ମାଣ କରିବାକୁ ଯୋଜନା କରାଯାଉଛି। ଏହା ହେଲେ ସମସ୍ୟା ବଢ଼ିବ। ଜଙ୍ଗଲିଆ ରାସ୍ତାରେ ଜଙ୍ଗଲୀଜନ୍ତୁ, ହାତୀ ଭୟ ଲାଗିରହିବ। ଉକ୍ତ ନିର୍ଜନ ରାସ୍ତାରେ ଚୋରି, ଡକାୟତି, ଛିନ୍‌ତାଇ ହେବାର ଆଶଙ୍କା ରହିଛି। ତେଣୁ ଗ୍ରାମବାସୀ ଏହାକୁ ବିରୋଧ କରୁଛନ୍ତି। ଅନ୍ୟପଟେ ପୁରାତନ ରାସ୍ତାଟି କମ୍ପାନୀ ମଧ୍ୟ ଦେଇ ଯାଉଛି। ତେଣୁ ଦାବି ପୂରଣ ସମ୍ଭବ ନୁହେଁ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। ଉଭୟ କାରଖାନା କର୍ତ୍ତୃପକ୍ଷ ଏବଂ ପ୍ରଶାସନ ଦାବିଙ୍କୁ ଅଣଦେଖା କରୁଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ଗ୍ରାମବାସୀ ଆରମ୍ଭ କରିଥିବା ଧାରଣା ପ୍ରତିବାଦ ୧୩ଦିନରେ ପହଞ୍ଚିଲାଣି। ଏଥିରେ ସ୍ଥାନୀୟ ଜନପ୍ରତିନିଧି ହସ୍ତକ୍ଷେପ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସଭାପତି ଶତ୍ରୁଘ୍ନ ପ୍ରଧାନ ଦାବି କରିଛନ୍ତି।

### ସୋସିଆଲ ମିଡିଆରେ ପୋଷ୍ଟ କରି ଅଡୁଆରେ ଯୁବକ

**ଭଦ୍ରକ ଅଫିସ ୧୬ା୧**

ଭଦ୍ରକ ଜିଲା ଧୂଷୁରୀ ଥାନା ସାହାସପୁର ଅଞ୍ଚଳର ଜଣେ ଯୁବକ ନିଜ ଫେସ୍‌ବୁକ ଆକାଉଣ୍ଟରେ ଧାର୍ମିକ ଭାବନାକୁ ନେଇ କରିଥିବା ପୋଷ୍ଟ ପାଇଁ ସେ ଏବେ ଅଡୁଆରେ। ଉକ୍ତ ପୋଷ୍ଟକୁ ବିରୋଧ କରି ବଜରଙ୍ଗ ଦଳ ପକ୍ଷରୁ ଶନିବାର ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହାସହ ବଜରଙ୍ଗ ଦଳର ଏକ ସ୍ୱତନ୍ତ୍ର ଟିମ୍ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନାଙ୍କୁ ଭେଟି ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ସ୍ୱାଧୀନ ସୁନ୍ଦର ଦାସ, ଦେବାଶିଷ ଗ୍ରହାଚାର୍ଯ୍ୟ, ପୁନୀଲ କୁମାର ସାମନ୍ତ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି।

# ମହିଷମର୍ଦ୍ଦିନୀଙ୍କ ବାର୍ଷିକ ପୂଜା

**ଛେଣ୍ଡିପଦା,୧୬ା୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମହିଷମର୍ଦ୍ଦିନୀଙ୍କ ବାର୍ଷିକ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ଚୌଧୁରୀ ପ୍ରଧାନ ଓ ବେହେରା(ଦଳପତି)ଙ୍କ ତତ୍ତ୍ୱାବଧାନରେ ଏହି ପୂଜା କାର୍ଯ୍ୟ ପରିଚାଳିତ ହୋଇଥିଲା। ମା'ଙ୍କୁ ପଟୁଆରରେ ଗ୍ରାମ ପରିକ୍ରମା ପରେ ମଣ୍ଡପକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ସାହୁ, ଲିଙ୍ଗରାଜ ପ୍ରଧାନ, ଅଭିରାମ ଗଡତିଆ, ନରୋତ୍ତମ ପ୍ରଧାନ, ଭୀମସେନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସୁବର୍ଣ୍ଣ ଜୟନ୍ତୀ ପାଇଁ ବୈଠକ

**ବଇଣ୍ଡା,୧୬ା୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବିଲେଇନାଳି ହାଇସ୍କୁଲର ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବ। ଏ ନେଇ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଶନିବାର ହାଇସ୍କୁଲ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୋ ସ୍କୁଲ ଅଭିଯାନ କମିଟି ସଭାପତି ପ୍ରମୋଦ କୁମାର ପ୍ରଧାନ, ନବକିଶୋର ସାହୁ, ସରୋଜ ପ୍ରଧାନ, ବୀରନାରାୟଣ ପ୍ରଧାନ, ସନ୍ତୋଷ ସାହୁ, କେଦାର ନାଥ ଦେହୁରି, ରଞ୍ଜନ ପ୍ରଧାନ, ବୈରାଗୀ ରଣା, ସୁଶାନ୍ତ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ଏଥିରେ କିଭଳି ସୁବର୍ଣ୍ଣ ଜୟନ୍ତୀ ପାଳନ ହେବ ସେ ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବୈଠକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।


ବୈଠକରେ ଉପସ୍ଥିତ କମିଟି ସଦସ୍ୟବୃନ୍ଦ।

# ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ବଇଣ୍ଡା,୧୬ା୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ଶୁକ୍ରବାର ଜିଲା ଶିଳ୍ପକେନ୍ଦ୍ର ଓ ଜନତା ମହାବିଦ୍ୟାଳୟର ମିଳିତ ସହଯୋଗରେ ଶିଳ୍ପ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସିଦ୍ଧାର୍ଥ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିଳ୍ପକେନ୍ଦ୍ର ଅନୁଗୋଳ ଜେନେରାଲ ମ୍ୟାନେଜର ଗଗନ ବିହାରୀ ନାୟକ ଯୋଗଦେଇ ପାଠ ପଢ଼ି ଘରେ ବସି ରହିଥିବା ଯୁବତୀଯୁବକ କିଭଳି ରୋଜଗାରକ୍ଷମ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବଇଣ୍ଡା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ ସୁରେନ୍ଦ୍ର ମିଶ୍ର, ଏସ୍.ଏନ ମହାନ୍ତି, ଅଂଶୁମାନ ଦାସ ଯୋଗ ଦେଇଥିଲେ। ଶିବିରରେ ୩୦ ଜଣ ଯୁବତୀଯୁବକ ଅଂଶ ଗ୍ରହଣ କରିଛନ୍ତି।



ତାଲିମ ଶିବିରରେ ଅତିଥିମାନେ।

# ତୁଟୁନି ଦୋକାନ ଗୃହ ନିର୍ମାଣ ବିବାଦ

**ତାଳଚେର,୧୬ା୧(ନି.ପ୍ର.)**

- ୪ ବର୍ଷ ପରେ ମଧ ସମାଧାନ ନାହିଁ
- ଚୁପ୍ ବସିଛନ୍ତି ତାଳଚେର ପୌର କର୍ତ୍ତୃପକ୍ଷ
- ଦୃଷ୍ଟି ଦିଆ ନ ଗଲେ ପାଲଟିଯିବ ଭୂତକୋଠି

୨୦୧୬ରେ ତାଳଚେର ପୌର ପରିଷଦ ପକ୍ଷରୁ ହାଟତୋଟା ପ୍ରଜାମଣ୍ଡଳ ଭବନ ନିକଟରେ ୨ ମହଲା ଦୋକାନ ଗୃହ ନିର୍ମାଣ ସହ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଅନିୟମିତତା ଅଭିଯୋଗ ଆସିବା ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟ ଉପରେ ରୋକ୍ ଲଗାଯାଇଥିଲା। ଇତିମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ବିବାଦର ସମାଧାନ ହୋଇପାରିନାହିଁ। ଫଳରେ ବଣ୍ଟନ ହୋଇଥିବା ପ୍ରଥମ ମହଲାର କେତୋଟି ଦୋକାନର ସଟର ଏବେ ଭାଙ୍ଗିବା ଅବସ୍ଥାକୁ ଆସିଗଲାଣି। ଏହି କାର୍ଯ୍ୟରେ ରାଜକୋଷରୁ ବହୁ ଅର୍ଥ ବ୍ୟୟ କରାଯାଇଥିଲେ ମଧ୍ୟ ଆବଶ୍ୟକ କାଗଜପତ୍ର ଠିକ୍ କରିବା ଦିଗରେ ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଯଥାଶୀଘ୍ର ପଦକ୍ଷେପ ନିଆ ନ ଗଲେ ନିର୍ମାଣ ହୋଇଥିବା ଦୋକାନ ଘରଗୁଡ଼ିକ ଭୂତକୋଠିରେ ପରିଣତ ହେବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

ପ୍ରକାଶ ଯେ, ପୌର ପରିଷଦ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ୧କୋଟି ୧୯ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ପ୍ରଥମ ମହଲା କାମ ଶେଷ ହେବା ପରେ ଦୋକାନଗୁଡ଼ିକୁ ବଣ୍ଟନ କରାଯାଇଥିଲା। ତେବେ ଦ୍ୱିତୀୟ ମହଲାର ନିର୍ମାଣ କାମ ଚାଲିଥିବାବେଳେ ଭାଜପା କାଉନସିଲରମାନେ ଅନିୟମିତତା ଅଭିଯୋଗ କରି ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚନ୍ୟାୟାଳୟ ଉକ୍ତ ଅଭିଯୋଗକୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ କମିଶନଙ୍କ ନିକଟକୁ ପଠାଇବା ସହ ଏହାର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୬ ଅକ୍ଟୋବର ୩୧ରେ ନଗର ଉନ୍ନୟନ ବିଭାଗ କମିଶନ ତାଳଚେର ପୌର ନିର୍ବାହୀ ଅଧିକାରୀ ଓ କାଉନସିଲରମାନଙ୍କୁ ଡାକି ଏହାର ଶୁଣାଣି କରିଥିଲେ। ଏହି ଶୁଣାଣି ବେଳେ ସାଇଟ୍ ସିଲେକ୍ସନ କମିଟି ଦ୍ୱାରା ଜମି ଚିହ୍ନଟ ହୋଇ ନ ଥିବା, ତାମଡାଠାରୁ ଅନୁମତି ଅଣାଯାଇ ନ ଥିବା ଓ ବ୍ୟୟ ଅଟକଳ କାଉନସିଲ୍‌ରେ ଅନୁମୋଦନ ହୋଇ ନ ଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ। ଏହାପରେ କମିଶନ ସମସ୍ତ କାଗଜପତ୍ର ନିୟମିତ ନ ହେବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ତହସିଲଦାର ଗୌରୀ ନାଏକ କହିଛନ୍ତି, ତତ୍‌କାଳୀନ ତହସିଲଦାର ନିର୍ମାଣସ୍ଥାନରେ ନାଲିପତାକା ଲଗାଇଥିଲେ। କିନ୍ତୁ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ସେ କିଛି କହି ନ ଥିଲେ। ପୌର ନିର୍ବାହୀ ଅଧିକାରୀ ରଶ୍ମିରେଖା ଅମାତ ମିଟିଂରେ ଅଛି, ପରେ ବୁଝି କହିବି ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ଏ ବିଷୟରେ ପରେ କଥା ହେବା ବୋଲି କହିଥିଲେ।


ନିର୍ମାଣ ବନ୍ଦ ଥିବା ଦୋକାନ ଗୃହ।

## ସଂକ୍ଷେପରେ

### ବୃଦ୍ଧାଙ୍କୁ ହତ୍ୟା ଅଭିଯୋଗ

ତାଳଚେର,୧୬।୧(ନି.ପ୍ର.): ତାଳଚେର ବ୍ଲକ କୁକୁଡଲା ଗ୍ରାମ ପୋଖରୀରୁ ଶନିବାର ବୃଦ୍ଧା ରଙ୍ଗବତୀ ପ୍ରଧାନଙ୍କ ମୃତଦେହ ପୋଲିସ ଜବତ କରିଛି। ରଙ୍ଗବତୀଙ୍କୁ କେହି ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ପୋଲିସ ନଂ. ୧୬/୨୧ରେ ଏକ ମାମଲା ରୁଜୁ କରିଛି। ଅଭିଯୋଗରୁ ପ୍ରକାଶ ଯେ, ସକାଳ ସାଢେ ୮ଟା ବେଳେ ରଙ୍ଗବତୀ ଗ୍ରାମରେ ଥିବା ପ୍ରଧାନ ସାହି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପୁଅ ସାଢେ ୯ଟା ବେଳେ ପୋଖରୀକୁ ଯାଇ ଖୋଜାଖୋଜି କରିବା ବେଳେ ମା'ଙ୍କ କ୍ଷତବିକ୍ଷତ ମୃତଦେହ ପାଣିରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ମା'ଙ୍କ କାନ ଛିଣ୍ଡି ଯାଇଥିବା ବେଳେ କାନଫୁଲ ନ ଥିଲା। ତେଣୁ କେହି ହତ୍ୟା କରି କାନଫୁଲ ନେଇଯାଇଥିବା ପୁଅ ଖଗେଶ୍ୱର ତାଳଚେର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି।

### ୧୫ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୬।୧: ଅନୁଗୋଳ ଜିଲାରୁ ଶନିବାର ୧୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୧୬୩ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ କଣିହାଁ ବ୍ଲକରୁ ସର୍ବାଧିକ ୮ ଜଣ, ବଅଁରପାଳ ବ୍ଲକରୁ ୩, ଛେଣ୍ଡିପଦା ବ୍ଲକରୁ ୨, କିଶୋରନଗର ବ୍ଲକରୁ ଜଣେ ଓ ଅନୁଗୋଳ ପୌରାଞ୍ଚଳରୁ ଜଣେ ରହିଛନ୍ତି। ତାଳଚେର ବ୍ଲକ, ତାଳଚେର ପୌରପାଳିକା, ପାଲଲହଡ଼ା ବ୍ଲକ, ଆଠମଲ୍ଲିକ ବ୍ଲକ, ଆଠମଲ୍ଲିକ ଏନ୍ଏସି ଓ ଅନୁଗୋଳ ବ୍ଲକରୁ କୌଣସି ପଜିଟିଭ୍ ଚିହ୍ନଟ ହୋଇ ନ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜିଲାରୁ ଦିନକରେ ୨୦ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

### ନିଧି ସଂଗ୍ରହ ପାଇଁ ଅଭିଯାନ

ବଅଁରପାଳ,୧୬।୧(ଡି.ଏନ.ଏ.): ଅଯୋଧାରେ ରାମମନ୍ଦିର ନିର୍ମାଣ ପାଇଁ ନାଲ୍କୋନଗରରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ତରଫରୁ ନିଧି ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଆର୍ଏସ୍ଏସ୍ର ଜିଲା ସମ୍ପାଦକ ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ଶୁକ୍ରବାରଠାରୁ ନାଲ୍କୋନଗରରେ ଏହି ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିପାଇଁ ନାଲ୍କୋ କର୍ମଚାରୀ ନୀଳକଣ୍ଠ ମହାରଣା ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଶ୍ରମିକନେତା ଗୋକୁଳାନନ୍ଦ ଜେନା ୨୫ ହଜାର ଟଙ୍କା, ନାଲ୍କୋ ଏସ୍ଭିଏମ୍ ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ୨୧ ହଜାର ଟଙ୍କା, ବିଜୟ ସାହୁ ୨୦ ହଜାର, ନାଲ୍କୋ ଅଧିକାରୀ ନିର୍ମଳ ପଟ୍ଟନାୟକ ଓ ପର୍ଶୁରାମ ସ୍ୱାଇଁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି।

### ଅଭିରାମଙ୍କୁ ସୁସ୍ଥ ଓଡ଼ିଶା ଚିନ୍ତା

ଢେଙ୍କାନାଳ ଅଫିସ, ୧୬।୧: ୬୩ ବର୍ଷୀୟ ଅଭିରାମ ଶତପଥୀଙ୍କୁ ଘାରିଛି ସୁସ୍ଥ ଓଡ଼ିଶା ଚିନ୍ତା। ସୁସ୍ଥ ସ୍ୱାସ୍ଥ୍ୟ, ସୁସ୍ଥ ପରିବେଶ



ବିଷୟରେ ଜନଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ସେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ନିକଟ ଦୁର୍ଲଗା ଗ୍ରାମରୁ ଜାନୁୟାରୀ ୬ରୁ ବାହାରିଛନ୍ତି ପଦଯାତ୍ରାରେ। ତାଙ୍କର ଏହି ଅଭିଯାନ ୨୨ ତାରିଖରେ ଶ୍ରୀକ୍ଷେତ୍ରରେ ଶେଷ ହେବ। ଅଭିରାମ ଶନିବାର ମଧ୍ୟାହ୍ନ ୧୨ଟାରେ ଢେଙ୍କାନାଳରେ ପହଞ୍ଚିଥିଲେ। ସୁସ୍ଥ ଜୀବନ ପାଇଁ ନିଶା ସେବନ ତ୍ୟାଗ ଏବଂ ଦୈନିକ ବ୍ୟାୟାମ କରିବାକୁ ସେ ପ୍ରବର୍ତ୍ତାଉଛନ୍ତି। ବଲାଙ୍ଗୀରସ୍ଥିତ ପାୱାର ଟ୍ରାନ୍ସମିଶନ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ହେଉଛନ୍ତି ଅଭିରାମ। ଶ୍ୱାସ ଏବଂ ସ୍ନାୟୁ ରୋଗରେ ପୀଡ଼ିତ ହୋଇ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ରୋଗମୁକ୍ତ ହେବା ପରେ ଡାକ୍ତରଙ୍କ ପରାମର୍ଶରେ ସେ ଦୈନିକ ବ୍ୟାୟାମ କରିବା ଆରମ୍ଭ କରିଥିଲେ। ଅଙ୍ଗେନିଭା ଅନୁଭୂତି ହିଁ ତାଙ୍କୁ ସୁସ୍ଥ ଓଡ଼ିଶା ଅଭିଯାନ ଲାଗି ପ୍ରେରଣା ଯୋଗାଇଥିବା ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଲିଙ୍କ୍ ପଠାଇ ଆକାଉଣ୍ଟରୁ ଲୁଟ୍

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୧୬।୧



■ଅନୁଗୋଳ ଜିଲାରେ ବଢ଼ୁଛି ସାଇବର ଅପରାଧ
■ବର୍ଷକରେ ୮୯ ଜଣଙ୍କଠାରୁ ଲୁଟିଛନ୍ତି ୭୩ ଲକ୍ଷ
■ଟଙ୍କା ଫେରିପାଇଛନ୍ତି ମାତ୍ର ୧୮ ଜଣ

ସମୟ ସହ ବଦଳୁଛି ସାଇବର ଅପରାଧର ପଦ୍ଧତି। ପୂର୍ବରୁ ଫୋନ କରି କୌଶଳରେ ଏଟିଏମ୍ ତଥ୍ୟ ନେଉଥିବା ଅପରାଧୀମାନେ ଏବେ ଇଣ୍ଟରନେଟ୍କୁ ଠକେଇର ଏକ ମାଧ୍ୟମ କରିଛନ୍ତି। ଏହି ଆପ୍ ଡାଉନ୍ଲୋଡ୍ ନ କଲେ ଫୋନ ଅଚଳ ହୋଇଯିବ କହି କେତେବେଳେ ଲିଙ୍କ୍ ଉପରେ କ୍ଲିକ୍ କରିବାକୁ କହୁଛନ୍ତି ତ ଆଉ କେତେବେଳେ ଲଟେରିର ପ୍ରଲୋଭନ ଦେଖାଇ ଆକାଉଣ୍ଟ ଖାଲି କରିଦେଉଛନ୍ତି। ଗତ ୨୦୨୦ ବର୍ଷରେ ଅନୁଗୋଳ ଜିଲାରୁ ଏହି ସାଇବର ଅପରାଧୀମାନେ ୭୩ ଲକ୍ଷ ୩୮ ହଜାର ୨୪୭ ଟଙ୍କା ଲୁଟ୍ କରିଛନ୍ତି। ଏ ନେଇ ବିଭିନ୍ନ ଥାନାରେ ୮୯ ମାମଲା ରୁଜୁ ହୋଇଛି। ତେବେ ଠକେଇର ଶିକାର ହୋଇଥିବା ଲୋକଙ୍କ ମଧ୍ୟରୁ ମାତ୍ର ୧୮ ଜଣ ଟଙ୍କା ଫେରସ୍ତ ପାଇଛନ୍ତି।

ଅନୁଗୋଳ ଜିଲାରେ ସାଇବର କ୍ରାଇମ୍ ବଢ଼ିବାରେ ଲାଗିଛି। କେବଳ ୨୦୨୦ ବର୍ଷରେ ଅନୁଗୋଳ ଥାନା ଅଞ୍ଚଳରୁ ୨୨ ଲକ୍ଷ ୭ ହଜାର ୪୧୧ ଟଙ୍କା ଠକେଇ ହୋଇଥିବା ବେଳେ ୩୪ ମାମଲା ରୁଜୁ ହୋଇଛି। ସେହିପରି କୋଲିୟରୀ ଥାନା ଅଞ୍ଚଳରୁ ୮ ଲକ୍ଷ ୯୧ ହଜାର ୨୪୪ ଟଙ୍କା ଲୁଟ୍ ହୋଇଥିବା ୧୫ଟି ମାମଲାରୁ ଜଣାପଡ଼ିଛି। ବଅଁରପାଳ ଥାନା ଅଞ୍ଚଳରୁ ୧୦ ଲକ୍ଷ ୬୫ ହଜାର ୭୭୪ ଟଙ୍କା ଲୁଟ୍ ନେଇ ୬ଟି ମାମଲା ରୁଜୁ ହୋଇଥିବାବେଳେ ବିକ୍ରମପୁର ଥାନାରେ ୧ଲକ୍ଷ ୭୭ ହଜାର ୭୩୩ ଟଙ୍କା ଲୁଟ୍ ନେଇ ୫ଟି ମାମଲା, ବନ୍ତଲା ଥାନରେ ୫ ଲକ୍ଷ ୩୯ ହଜାର ୪୫୩ ଟଙ୍କା ଲୁଟ୍ ନେଇ ୫ଟି ମାମଲା, ନାଲ୍କୋ ଥାନାରେ ୫ ଲକ୍ଷ ୧୮ ହଜାର ୮୯୩ ଟଙ୍କା ଲୁଟ୍ ନେଇ ୪ଟି ମାମଲା, ଏନ୍ଟିପିସି ଥାନାରେ ୨ ଲକ୍ଷ ୫୬ ହଜାର ୯ଶହ ଟଙ୍କା ଲୁଟ୍ ନେଇ ୪ ମାମଲା, ସମଲ ଥାନାରେ ୨ ଲକ୍ଷ ୨୭ ହଜାର ୫୬୫ଟଙ୍କା ଲୁଟ୍ ନେଇ ୩ଟି ମାମଲା, ନିଶା ଶିଳ୍ପାଞ୍ଚଳ ଥାନାରେ ୧ଲକ୍ଷ ୧୯ ହଜାର ୫୦୩ ଟଙ୍କା ଲୁଟ୍ ନେଇ ୨ଟି ମାମଲା, ତାଳଚେର ଥାନାରେ ୧ ଲକ୍ଷ ୨୪ ହଜାର ୯୭୯ ଟଙ୍କା ଲୁଟ୍ ହୋଇଥିବା ନେଇ ଦୁଇଟି ମାମଲା, ପାଲଲହଡ଼ା ଥାନାରେ ୧ ଲକ୍ଷ ହଜାର ୯ଶହ ଟଙ୍କା ଲୁଟ୍ ନେଇ ୨ଟି ମାମଲା, ଖମାର ଥାନାରେ ୭ ଲକ୍ଷ ୯୧ ହଜାର ୯୨ ଟଙ୍କା ଲୁଟ୍ ହୋଇଥିବା ନେଇ ୨ଟି ମାମଲା, ରେଙ୍ଗାଲି ଥାନାରେ ୧ଲକ୍ଷ ୬୪ ହଜାର ୮ଶହ ଟଙ୍କା ଲୁଟ୍ ସମ୍ପର୍କିତ ଗୋଟିଏ ମାମଲା, କଣିହାଁ ଥାନାରେ ୩୫ ହଜାର ଟଙ୍କା, ଛେଣ୍ଡିପଦା ଥାନାରେ ୬୬ ହଜାର ଟଙ୍କା ଓ କିଶୋରନଗର ଥାନାରେ ୫୦ ହଜାର ଟଙ୍କା ଠକେଇ ହୋଇଥିବା ନେଇ ଗୋଟିଏ ଲେଖାଏ ମାମଲା କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ସାଇବର ଠକେଇର ଶିକାର ହୋଇଥିବା ଲୋକଙ୍କ ମଧ୍ୟରୁ ୧୮ ଜଣଙ୍କ ଆକାଉଣ୍ଟରୁ ୧୨ ଲକ୍ଷ ୯୬ ହଜାର ୬୩୨ ଟଙ୍କା ଯାଇଥିବାବେଳେ ୮ ଲକ୍ଷ ୯୬ ହଜାର ୩୭୫ଟଙ୍କା ଫେରସ୍ତ ଆସିଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ବାଧକ ସାଜୁଛି ଗାଇଡ୍ଲାଇନ୍

ସାଇବର ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କଠାରୁ ଅଭିଯୋଗ ପାଇବା ପରେ ପୋଲିସ ଅଭିଯୋଗକାରୀଙ୍କ ଆକାଉଣ୍ଟ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଚିଠି କରିଥାଏ। ସେହି ଚିଠି ଆଧାରରେ ଉକ୍ତ ବ୍ୟାଙ୍କ ପକ୍ଷରୁ ସାଇବର ଲୁଟେରାଙ୍କ ଯେଉଁ ଆକାଉଣ୍ଟକୁ ଟଙ୍କା ଯାଇଛି ସେହି ବ୍ୟାଙ୍କକୁ ଯୋଗାଯୋଗ କରି ଲୁଟ୍ ସମ୍ବନ୍ଧୀୟ ତଥ୍ୟ ଦେବା ସହ ଆକାଉଣ୍ଟ ଫ୍ରିଜ୍ କରିବାକୁ କୁହାଯାଇଥାଏ। ପରବର୍ତ୍ତୀ ସମୟରେ ଯେତେବେଳେ ଅଭିଯୁକ୍ତଙ୍କ ଆକାଉଣ୍ଟରୁ ଟଙ୍କା ଫେରସ୍ତ ପାଇଁ ପୋଲିସ ପକ୍ଷରୁ କୁହାଯାଏ, ସେତେବେଳେ ସେହି ବ୍ୟାଙ୍କ କର୍ତ୍ତୃପକ୍ଷ ତାହା କରି ନ ଥାନ୍ତି। କାରଣ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍ବିଆଇ) ଗାଇଡ୍ ଲାଇନ୍ ଅନୁଯାୟୀ ଆକାଉଣ୍ଟଧାରୀଙ୍କ ବିନା ପରାମର୍ଶରେ ତାଙ୍କ ଆକାଉଣ୍ଟରୁ ଟଙ୍କା କାହାକୁ ପ୍ରଦାନ କରାଯିବ ନାହିଁ। ଖାସ୍ ଏହି କାରଣରୁ ବ୍ୟାଙ୍କରେ ଟଙ୍କା ଥାଇ ବି ଠକେଇ ହୋଇଥିବା ବ୍ୟକ୍ତି ଟଙ୍କା ପାଇପାରନ୍ତି ନାହିଁ। କେବଳ ୱାଲେଟ୍ ମାଧ୍ୟମରେ ହୋଇଥିବା ଠକେଇ ଘଟଣାରେ ଟଙ୍କା ଫେରସ୍ତ ଆସିପାରୁଛି।

#### ଅଜଣା ଫୋନ କଲ୍କୁ ସାବଧାନ



"ବିଭିନ୍ନ ସମୟରେ ସାଇବର ଅପରାଧୀମାନେ ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଲୁଟ୍ କରୁଛନ୍ତି। ଏ ନେଇ ଜନସାଧାରଣ ଅଧିକ ସତର୍କ ହେବା ଆବଶ୍ୟକ। ଅଜଣା ଲୋକଙ୍କଠାରୁ ଆସୁଥିବା ଫୋନ୍ କଲ୍ରେ ପ୍ରଲୋଭିତ ନ ହେବା ଦରକାର। କୌଣସି ବ୍ୟାଙ୍କ ବା ସଂସ୍ଥାରୁ ଫୋନ୍ କରୁଥିବା କେହି କହିଲେ ତୁରନ୍ତ ଉକ୍ତ ସଂସ୍ଥାକୁ ଯାଇ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ଆବଶ୍ୟକ। ଇଣ୍ଟରନେଟ୍ରେ ବିଭିନ୍ନ ସଂସ୍ଥାର ଜାଲ୍ ଫୋନ ନମ୍ବର ରହୁଥିବାରୁ ସେଠାକୁ ଫୋନ୍ କରନ୍ତୁ ନାହିଁ।

-ଜଗମୋହନ ମୀନା, ଏସ୍ପି, ଅନୁଗୋଳ

#### ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟ କୁହନ୍ତୁ ନାହିଁ

"ଅନେକ ସମୟରେ ଆକାଉଣ୍ଟ ସମ୍ପର୍କିତ ଠିକ୍ ତଥ୍ୟ ସାଇବର ଅପରାଧୀମାନେ ପାଇଯାଉଛନ୍ତି। ବ୍ୟାଙ୍କରୁ କିଏ କେଉଁଦିନ କ୍ରେଡିଟ୍ କାର୍ଡ ନେଲା ସେକଥା ଲୁଟେରାମାନେ କେମିତି ଜାଣୁଛନ୍ତି। ଏଭଳି କାର୍ଯ୍ୟରେ ବ୍ୟାଙ୍କ କର୍ମଚାରୀଙ୍କ ହାତ ରହୁଥିବା ମନରେ ସନ୍ଦେହ ଆସୁଛି। ତେଣୁ ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟ କାହାକୁ କୁହନ୍ତୁ ନାହିଁ।



-ତେଜସ୍ୱିନୀ ସୋନାଲିକା, ଅନୁଗୋଳ

#### ଅଭିନବ ଉପାୟରେ ଲୋକଙ୍କୁ ଲୁଟୁଛନ୍ତି

"ପୂର୍ବରୁ ସାଇବର ଠକମାନେ ଏଟିଏମ୍ କାର୍ଡରୁ ଲୁଟ୍ କରୁଥିଲେ। ଏବେ ପଦ୍ଧତି ବଦଳାଇ ବିଭିନ୍ନ ଆପ୍ଲିକେଶନ୍ ଡାଉନଲୋଡ୍ କରିବାକୁ କହି ଟଙ୍କା ଲୁଟୁଛନ୍ତି। ଏପରି ସାଇବର ମାମଲାରେ ଟଙ୍କା ଫେରିପାଇବା କଷ୍ଟକର। ତଥାପି ଲୋକଙ୍କ ଟଙ୍କା ଫେରାଇ ଆଣିବାକୁ ଉଦ୍ୟମ କରିଥାଉ। କାହାର ଦୁଇ ଦିନ ମଧ୍ୟରେ ଫେରିଛି ତ ଆଉ କାହାର ୧୫ ଦିନ ସମୟ ଲାଗିଛି। ତେଣୁ ଅନୁଗୋଳ ଜିଲାବାସୀ ଏପରି ଠକ୍ଙ୍କ ପ୍ରତି ସତର୍କ ରହିବା ଜରୁରୀ।

-ଅଶ୍ୱିନୀ ସାହୁ, ଅନୁଗୋଳ ଥାନା

#### କେଇ ସେକେଣ୍ଡରେ ଟଙ୍କା ଲୁଟିନେବେ

"ସାଇବର ଅପରାଧୀମାନେ ଫୋନ୍ରେ ନାନା କଥା କହି ପ୍ରଥମେ ପ୍ରଲୋଭିତ କରିବେ। କେତେବେଳେ ଲଟେରି ତ ଆଉ କେତେବେଳେ ଦାମୀ ଉପହାର ଆସିଥିବା କହି ମାତ୍ର ଅଳ୍ପ କେତେ ଟଙ୍କା ସର୍ଭିସ ଚାର୍ଜ ବାବଦକୁ ଦେବାକୁ କହିବେ। ଏହାପରେ ପାନକାର୍ଡ, ଆଧାରକାର୍ଡ କିମ୍ବା ଆକାଉଣ୍ଟ ତଥ୍ୟ ନେଇ କେଇ ସେକେଣ୍ଡ ମଧ୍ୟରେ ଆକାଉଣ୍ଟରୁ ସବୁ ଟଙ୍କା ଲୁଟିନେବେ। ତେଣୁ ଅଜଣା ବ୍ୟକ୍ତିଙ୍କୁ ଏପରି ତଥ୍ୟ କିମ୍ବା ଓଟିପି କୁହନ୍ତୁ ନାହିଁ।



-ପ୍ରିୟମ ପାଣ୍ଡେ, ଅନୁଗୋଳ

#### ଆକାଉଣ୍ଟଧାରୀଙ୍କୁ ସଚେତନ କରାଯିବ

"ସାଇବର ଠକେଇ ଘଟଣା ବଢ଼ିବାରେ ଲାଗିଛି। ଆକାଉଣ୍ଟଧାରୀମାନେ କିଭଳି ଭାବେ ଏପରି ଠକଙ୍କ ହାବୁଡ଼ରେ ନ ପଡ଼ିବେ, ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆର୍ବିଆଇ ପକ୍ଷରୁ କରାଯାଉଛି। ଅନୁଗୋଳରେ ମଧ ମ୍ୟାଜିକ ଶୋ କରି ଲୋକଙ୍କୁ ସଚେତନ କରାଯାଇଛି। ଆଗକୁ ପଥପ୍ରାନ୍ତ ନାଟକ ବା ପ୍ରଚାର ଗାଡ଼ି ବୁଲାଇବାକୁ ଯୋଜନା କରାଯାଉଛି।

-ବ୍ୟାଙ୍କ ଅଧିକାରୀ, ଅନୁଗୋଳ

### ସମ୍ପାଦକ, ସହକାରୀ ସମ୍ପାଦକ ନିଲମ୍ବିତ

ବଇଣ୍ଡା,୧୬।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଅଙ୍ଗପଡ଼ା ସେବା ସମବାୟ ସମିତି ସମ୍ପାଦକ ସୋମନାଥ ସାହୁ ଓ ସହକାରୀ ସମ୍ପାଦକ ଦୁର୍ବାଦଳ ପ୍ରଧାନଙ୍କୁ ଶୁକ୍ରବାର ଆଠମଲ୍ଲିକ କୋଅପରେଟିଭ ସୋସିଆଇଟିର ଆସିଷ୍ଟାଣ୍ଟ ରେଜିଷ୍ଟ୍ରର ସୁରେନ୍ଦ୍ର ଜେନା ନିଲମ୍ବିତ କରିଛନ୍ତି। କାର୍ଯ୍ୟରେ ଅବହେଳା କରିଥିବା ଯୋଗୁ ଉଭୟଙ୍କୁ ନିଲମ୍ବନ କରାଯାଇଥିବା ଜେନା ସୂଚନା ଦେଇଛନ୍ତି। ଅଙ୍ଗପଡ଼ା ସୋସାଇଟି ଅଧୀନରେ ଥିବା ସମସ୍ତ ଗ୍ରାମର ଚାଷୀଙ୍କ ଧାନ କିଣା ବିକ୍ରି ରେଜିଷ୍ଟ୍ରେଶନ କରିବାରେ ଉଭୟେ ଅବହେଳା କରିଥିଲେ। ଏହି ବ୍ଲକରେ ଚଳିତବର୍ଷ ଚାଷୀମାନେ ଭଲ ଧାନ ଫସଲ ଅମଳ କରିଥିବାବେଳେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଧାନ ବିକ୍ରି କାର୍ଡରେ ଜାଗାର ପରିମାଣ କମ୍ ଉଲ୍ଲେଖ କରାଯାଇଥିବାରୁ ଚାଷୀମାନେ ଧାନ ବିକ୍ରି କରିବାରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚୋରା ବ୍ୟବସାୟୀଙ୍କ ସହ ଉଭୟ ଅଧିକାରୀ ସମ୍ପର୍କ ରଖି ଚାଷୀମାନଙ୍କୁ ଅଯଥା ହଇରାଣ କରିବା ପାଇଁ ଯୋଜନା କରିଥିବା ଅଙ୍ଗପଡାର ଚାଷୀମାନେ ଆଠମଲ୍ଲିକ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାପରେ ତଦନ୍ତ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୧୬।୧(ଡି.ଏନ.ଏ.)

କିଶୋରନଗର ପୋଲିସ ଶନିବାର ରସୁଣପାଳ ଗ୍ରାମରେ ଚଢାଉ କରି ରଞ୍ଜନ ମିର୍ଦ୍ଧାଙ୍କ ଘରୁ ୬ ଲିଟର ଚୋରା ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ରଞ୍ଜନ ଘରେ ବେଆଇନ ଭାବେ ଚୋରା ମଦ ବିକ୍ରି କରୁଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏ ନେଇ ନଂ.୮/୨୧ରେ ଏକ ମାମଲା ରୁଜୁ ହୋଇଛି।

## ଟିକରପଡ଼ାକୁ ଆସିଲା ୪ ବୋଟ୍

ବନ୍ତଲା,୧୬।୧(ଡି.ଏନ.ଏ.)

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଟିକରପଡା ଗଣ୍ଡରେ ଶନିବାର ପହଞ୍ଚିଛି ୪ଟି ନୂତନ ବୋଟ୍। ବନବିଭାଗ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ବୋଟ୍ ପ୍ରଦାନ କରାଯାଇଛି। ଏଥିରେ ୨୦ ସିଟ୍ ବିଶିଷ୍ଟ ଦୁଇଟି ଓ ୧୦ ସିଟ୍ ବିଶିଷ୍ଟ ଦୁଇଟି ବୋଟ୍ ରହିଛି। ଖୁବ୍ଶୀଘ୍ର ଆଉ ଦୁଇଟି ନୂତନ ବୋଟ୍ ଆସିବ ବୋଲି ଜଣାପଡିଛି। ୪୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ଉକ୍ତ ୪ଟି ବୋଟ୍ କିଣାଯାଇଛି। ପର୍ଯ୍ୟଟକମାନେ ଏହି ବୋଟରେ ବସି ସାତକୋଶିଆ ଗଣ୍ଡର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ବିରଳ ପ୍ରଜାତିର ଘଡ଼ିଆଳ ଓ ମଗର କୁମ୍ଭୀରଙ୍କ ବିଚରଣ ଦେଖିପାରିବେ। ସେହିପରି ବିଦେଶୀ ପକ୍ଷୀ ଓ ଗଣ୍ଡର ଉଭୟ ପାର୍ଶ୍ୱରେ ଥିବା ସବୁଜ ପାହାଡ଼ର ମନୋରମ ଦୃଶ୍ୟ ମଧ୍ୟ ଉପଭୋଗ କରିପାରିବେ। ପୂର୍ବରୁ ୬ଟି ନୂତନ ବୋଟ ଅଣାଯାଇଥିଲା। ସେଥିରୁ ଜିଲିଣ୍ଡା ରେଞ୍ଜ ବାଲିପୁଟକୁ ଦୁଇଟି ନିଆଯାଇଛି। ସମସ୍ତ ବୋଟକୁ ମିଶାଇ ସାତକୋଶିଆ ଗଣ୍ଡରେ ବର୍ତ୍ତମାନ ୧୦ ଟି ବୋଟ ରହିଛି।




ଟିକରପଡା ଗଣ୍ଡକୁ ଯାଉଥିବା ନୂତନ ବୋଟ୍।

## ୧୮ରେ ପଦଯାତ୍ରା

ବଇଣ୍ଡା,୧୬।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଆସନ୍ତା ୧୮ ତାରିଖରେ ଏକ ପଦଯାତ୍ରା ଅନୁଷ୍ଠିତ ହେବ। ଏ ନେଇ କମିଟି ପକ୍ଷରୁ ଶନିବାର ପ୍ରେସ୍ ଇସ୍ତାହାରରେ କୁହାଯାଇଛି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ପାରିତ ହୋଇଥିବା କୃଷି ବିଲ୍କୁ ସାରା ଦେଶରେ ବିରୋଧ କରାଯାଉଛି। କମିଟି ପକ୍ଷରୁ ମଧ ବିରୋଧ କରାଯାଉଛି। ଏହି ବିଲ୍କୁ ବାତିଲ କରିବା ପାଇଁ ବହୁବାର ଦାବି ହୋଇଥିଲେ ମଧ ସରକାର ଦୃଷ୍ଟି ଦେଉନାହାନ୍ତି। ତେଣୁ କୃଷି ବିଲ୍ ବାତିଲ ସହ ସୁରେଶରୀ ଓ ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣ ଦାବିରେ ୧୮ରେ ଜଏରାଟରୁ ପଦଯାତ୍ରା ବାହାରି ଧଉରାପାଲି, ଘୋଷାର, ଅଙ୍ଗପଡା, ପରସୁମାଳ, ବିଲେଇନାଳି, ପେଡିପଥର, ପାଇକସାହି, ଅନ୍ତୁଲିଆ, ମୁଣ୍ଡାସାହି ଦେଇ ଯିବ ବୋଲି ନିଷ୍ପତ୍ତି ହୋଇଛି।

## ନିର୍ଭୟା ଯୋଜନାରେ ମିଳିଲା ୧୩ ସ୍କୁଟି



ହର୍ଷବର୍ଦ୍ଧନ ସିଂଦେଓଙ୍କଠାରୁ ରିଜର୍ଭ ଇନ୍ସପେକ୍ଟର କବିରଞ୍ଜନ ସେଠୀ ସ୍କୁଟି ଗ୍ରହଣ କରୁଛନ୍ତି।

ଢେଙ୍କାନାଳ ଅଫିସ, ୧୬।୧

'ନିର୍ଭୟା' ଯୋଜନାରେ ଢେଙ୍କାନାଳ ଜିଲା ପୋଲିସକୁ ୧୩ ହିରୋ ପ୍ଲେଜର ପ୍ଲସ୍ ସ୍କୁଟି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅଧିକୃତ ବିକ୍ରେତା ସୋମ୍ ଅଟୋ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୋମ୍ ଅଟୋ ସ୍ୱତ୍ତ୍ୱାଧିକାରୀ ହର୍ଷବର୍ଦ୍ଧନ ସିଂଦେଓଙ୍କଠାରୁ ଢେଙ୍କାନାଳ ରିଜର୍ଭ ଇନ୍ସପେକ୍ଟର କବିରଞ୍ଜନ ସେଠୀ ଉକ୍ତ ସ୍କୁଟିଗୁଡ଼ିକ ଗ୍ରହଣ କରିଥିଲେ। ଅନୁଷ୍ଠାନର ମ୍ୟାନେଜର ଚନ୍ଦନ ନନ୍ଦଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## 'ହୃଦୟସ୍ପର୍ଶୀ ସାହିତ୍ୟରେ ସମୃଦ୍ଧ ହେବ ଓଡ଼ିଆ ଭାଷା'

ଢେଙ୍କାନାଳ ଅଫିସ, ୧୬।୧

ଢେଙ୍କାନାଳର ସାହିତ୍ୟ ଅନୁଷ୍ଠାନ 'ବିଭାବନା' ପକ୍ଷରୁ ଶନିବାର ସାରସ୍ୱତ ସମାରୋହ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ହୃଦୟସ୍ପର୍ଶୀ ସାହିତ୍ୟରେ ଓଡ଼ିଆ ଭାଷା ସମୃଦ୍ଧ ହେବ। ଲେଖକମାନେ ସାବଲୀଳ ଏବଂ ଲେଖନୀ ଚାଳନା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ପୂର୍ବତନ ବିଚାରପତି ଦୁର୍ଗାଚରଣ ମିଶ୍ର, ପରେଶ ଚନ୍ଦ୍ର ପଟ୍ଟନାୟକ, ସାହିତ୍ୟ ଏକାଡେମୀ ଅର୍ଥ କମିଟି ସଦସ୍ୟ ଡ. ପୁଷ୍ପଲତା ରଥ, ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୁର ପାଟସାହାଣୀ ପ୍ରମୁଖ ଓଡ଼ିଆ ସାହିତ୍ୟର ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ଇଂ. ନିରଞ୍ଜନ ଜେନା, ସସ୍ମିତା ଦାସ, ପୁଷ୍ପାଞ୍ଜଳି ମିଶ୍ର, ନିରୁପମା ଦାସ, ବିଦ୍ୟାଧର ଖଟୁଆ, ଶକୁନ୍ତଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କବିଭୂଷଣ ସ୍ମୃତି ସଂସଦ ପକ୍ଷରୁ ଉମେଶ ଦାସଙ୍କ ଲିଖିତ ପୁସ୍ତକ 'ଏଗ୍ରିକଲଚର ଇନ୍ ଓଡ଼ିଶା' ଏବଂ ସୁଧାଂଶୁ ଦାଶଙ୍କ ପୁସ୍ତକ 'ମ୍ୟୁଜିକ୍ ଅଫ୍ ଦି କାଓଜ୍' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ କବି ମନୋରଞ୍ଜନ ନନ୍ଦ ସ୍ୱାଗତ ଭାଷଣ ଓ ମମତା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମାନସ କୁମାର ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିପୂର୍ବରୁ ଶୁଭଶ୍ରୀ ରାଉତ, ମନୋଜ ମଞ୍ଜରୀ ଦାସଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା।




ସାରସ୍ୱତ ସମାରୋହରେ ଅତିଥିବୃନ୍ଦ।

## ମନ୍ଦିର ପରିସରରେ ଅଭିଯୋଗ ଶୁଣିଲେ ଏମ୍ପି

ବନ୍ତଲା,୧୬।୧(ଡି.ଏନ.ଏ.)

■ଢେଙ୍କାନାଳରେ ୪, ଅନୁଗୋଳରେ ୪ ଦିନ ହେବ କାର୍ଯ୍ୟକ୍ରମ
■ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ସହ କମ୍ବଳ ବାଣ୍ଟିଲେ
■ପୂର୍ବତନ ଏମ୍ପି ତଥାଗତଙ୍କ କାର୍ଯ୍ୟକୁ କଲେ ଉଚ୍ଚ ପ୍ରଶଂସା



ରାମମନ୍ଦିର ପରିସରରେ ଏମ୍ପି ମହେଶ ସାହୁ ଅଭିଯୋଗ ଶୁଣାଣି କରୁଛନ୍ତି।

ଅନୁଗୋଳ ବ୍ଲକ ବନ୍ତଲାସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଶନିବାର ଢେଙ୍କାନାଳ ଏମ୍ପି ମହେଶ ସାହୁଙ୍କ ପ୍ରଥମ ଶୁଣାଣି ପ୍ରକୋଷ୍ଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍ପି ସାହୁ ଯୋଗଦେଇ ଏଣିକି ପ୍ରତି ମାସର ୪ ରବିବାର ଢେଙ୍କାନାଳ ଜିଲାରେ ଓ ୪ ଶନିବାର ଅନୁଗୋଳ ଜିଲାରେ ଶୁଣାଣି ପ୍ରକୋଷ୍ଠ ହେବ ବୋଲି ଘୋଷଣା କରିଥିଲେ। ଏହାଛଡ଼ା ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ସହ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ବହୁ ଉନ୍ନତୀକରଣ କାର୍ଯ୍ୟ କରିଥିବାରୁ ପୂର୍ବତନ ଏମ୍ପି ତଥାଗତ ସତପଥୀଙ୍କୁ ଏମ୍ପି ସାହୁ ଉଚ୍ଚ ପ୍ରଶଂସା କରିଥିଲେ।

ଏମ୍ପି ସାହୁ କହିଥିଲେ ଯେ, ନିଜ ଘରେ ଶୁଣାଣି ନ କରି ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ପ୍ରତି ମାସରେ ସେ ଢେଙ୍କାନାଳ ଓ ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳରେ ଶୁଣାଣି ପ୍ରକୋଷ୍ଠ କରିବେ। ସେହିପରି ଯେଉଁ ଦୁର୍ଗମ ଅଞ୍ଚଳଗୁଡ଼ିକୁ ଜନପ୍ରତିନିଧିମାନେ କେବେ ଯାଇ ନ ଥିଲେ ସେପରି ଅବହେଳିତ ଗାଁରେ ଏମ୍ପି ଥିବାବେଳେ ତଥାଗତ ଭାଇ ପହଞ୍ଚି ବହୁ ଉନ୍ନୟନ କାର୍ଯ୍ୟ କରିଛନ୍ତି। ସୌରଚାଳିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସହ କମ୍ୟୁନିଟି ଗୃହ, ମହିଳା ସ୍ୱୟଂ ସହାୟକ ସଭାଗୃହ, କୋଠଘର ଆଦି ନିଜ ପାଣ୍ଠି ଅର୍ଥରେ ନିର୍ମାଣ କରାଇଛନ୍ତି। ତଥାଗତଙ୍କ ଉକ୍ତ କାର୍ଯ୍ୟକୁ ଏବେ ଦେଖିବା ସହ ତାଙ୍କ ପାଇଁ ଲୋକଙ୍କଠାରୁ ପ୍ରଶଂସା ପାଉଛି ବୋଲି ଏମ୍ପି ସାହୁ କହିଥିଲେ।

ଅନୁଗୋଳ ନିର୍ବାଚନମଣ୍ଡଳୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏମ୍ପିଙ୍କ ଅନୁପସ୍ଥିତିରେ ପୂର୍ବତନ ନଗରପାଳ ଭକ୍ତି ପ୍ରସାଦ ଦାସ ପ୍ରତିନିଧିତ୍ୱ କରିବେ ବୋଲି ଏମ୍ପି ସାହୁ ଘୋଷଣା କରିଥିଲେ। ପରେ ନାଲ୍କୋ ସିଏମ୍ଡିଙ୍କ ପକ୍ଷରୁ ମିଳିଥିବା କମ୍ବଳଗୁଡ଼ିକୁ ବଣ୍ଟନ କରିଥିଲେ। ଏମ୍ପିଙ୍କ ବ୍ୟକ୍ତିଗତ ସଚିବ ମାତୃପ୍ରସାଦ ମିଶ୍ର ଶୁଣାଣି ପ୍ରକୋଷ୍ଠ ପରିଚାଳନା କରିଥିଲେ। ଶ୍ରୀରାମ ମନ୍ଦିର ସଭାପତି ପଣ୍ଡିତ ମହେଶ ସାହୁ ବନ୍ତଳାରେ ଦମକଳ କେନ୍ଦ୍ର ସ୍ଥାପନ, ହିଡିସିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା, ଅନୁଗୋଳ ଓ ବଅଁରପାଳ ତହସିଲ ଅଞ୍ଚଳରୁ ଚକବନ୍ଦୀ ଉଚ୍ଛେଦ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ପୂର୍ବତନ ନଗରପାଳ ଭକ୍ତି ପ୍ରସାଦ ଦାସ, ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଉପାଧ୍ୟକ୍ଷା ମମତା ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ତପସ୍ୱିନୀ ବେହେରା, ପୂର୍ବତନ ଉପାଧ୍ୟକ୍ଷ ଦୁର୍ଗାଚରଣ ପ୍ରଧାନ, ସରପଞ୍ଚ ଧ୍ରୁବଚରଣ ଦେହୁରୀ, ବୁଲୁ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଏହା ପୂର୍ବରୁ ଓରେଡା ପ୍ରକଳ୍ପ ନିର୍ଦ୍ଦେଶକ କ୍ଷୀରୋଦ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏମ୍ପି ସାହୁ ଯୋଗଦେଇ ବିଭିନ୍ନ ଗ୍ରାମରେ ଉନ୍ନୟନ ପ୍ରକଳ୍ପଗୁଡ଼ିକୁ ଉଦ୍ଘାଟନ କରିଥିଲେ।

